ପ୍ରେରକ,

ଭି. କିଶୋର ଚନ୍ଦ୍ର ଦେଓ, ମନ୍ତ୍ରୀ, ଜନଜାତି ବ୍ୟାପାର ଓ ପଞ୍ଚାୟତିରାଜ,

ଭାରତ ସରକାର, ଶାସ୍ତ୍ରୀଭବନ, ନୂଆଦିଲ୍ଲୀ-୧୧୦୧୧୫

D.O.No. MTA/VIP- 18/44-2012 ତାରିଖ ୨୪ ମେ ୨୦୧୨

ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ,

ବର୍ତ୍ତମାନ ମୁଁ ଯେଉଁ ଚିଠି ଲେଖୁଛି, ତହିଁର ଉଦ୍ଦେଶ୍ୟ ହେଲା, ଅନୁସୂଚୀତ ଜନଜାତିସମୂହ ଏବଂ ଅନ୍ୟ ଜଙ୍ଗଲ ବାସିନ୍ଦାସମୂହ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି) ଆଇନ୍ ୨୦୦୬ର କାର୍ଯ୍ୟକାରିତାରେ ଦେଖାଯାଉଥିବା ସମସ୍ୟାବଳୀ ପ୍ରତି ଆପଣଙ୍କର ଧ୍ୟାନ ଆକର୍ଷଣ କରିବା।

୨. ଐତିହାସିକ 'ଅନୁସୂଚୀତ ଜନଜାତିସମୂହ ଏବଂ ଅନ୍ୟ ଜଙ୍ଗଲ ବାସିନ୍ଦାସମୂହ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି) ଆଇନ୍ ୨୦୦୬'କୁ ପାର୍ଲିଆମେଣ୍ଟ୍ ସର୍ବସମ୍ମତି କ୍ରମେ ୨୦୦୬ ମସିହାରେ ପାସ୍ କରିଥିଲା। ଏହି ଯୁଗାନ୍ତକାରୀ ଆଇନ୍ ପଛରେ ଯେଉଁ ମହନୀୟ ଲକ୍ଷ୍ୟ ଥିଲା, ତାହା ହେଉଛି ଆମ ଦେଶର ଜନଜାତି/ଆଦିବାସୀ ତଥା ଅନ୍ୟାନ୍ୟ ଜଙ୍ଗଲ ବାସିନ୍ଦା ନାଗରିକମାନଙ୍କ ପ୍ରତି ଘଟିଥିବା ଐତିହାସିକ ଅନ୍ୟାୟର ପ୍ରତିକାର କରିବା। ଅଥଚ, ଏହାର କାର୍ଯ୍ୟକାରିତା ଅନେକ ସମସ୍ୟାରେ ଆକ୍ରାନ୍ତ, ଯାହା ଫଳରେ କି ସଂଖ୍ୟାବହୁଳ ଜଙ୍ଗଲ ବାସିନ୍ଦାମାନେ ସେମାନଙ୍କର ଅଧିକାର ହାସଲ କରିପାରୁନାହାନ୍ତି। ଜଙ୍ଗଲ ଅଧିକାର ଆଇନ୍ ପ୍ରଣୟନ ହେବାର ପାଞ୍ଚବର୍ଷ ବିତିଯାଇଥିଲେ ବି ଏହି ମାର୍ଗଦର୍ଶୀ ଆଇନ୍ ସଂଖ୍ୟାଗରିଷ୍ଠ ଜଙ୍ଗଲ ବାସିନ୍ଦା ଏବଂ ଆଦିବାସୀମାନଙ୍କର ଉପକାରରେ ଆସିପାରିନି। ଆଇନ୍‌ର ଶାସନ ପ୍ରତି ଆମର ଘୋଷିତ ଅଙ୍ଗୀକାର ଏହାଫଳରେ ଉଲ୍ଲଂଘିତ ହୋଇଛି।

୩. ନିର୍ଦ୍ଦିଷ୍ଟ ଭାବେ କହିଲେ, ଅଧିକାରସମୂହ ପାଇଁ ଦାବୀଗୁଡ଼ିକର ପ୍ରତ୍ୟାଖ୍ୟାନ ସଂଖ୍ୟା ଏବେ ବି ବହୁତ ଅଧିକ, ଏବଂ ପ୍ରତ୍ୟାଖ୍ୟାତ ଦାବୀଦାରମାନଙ୍କୁ ପ୍ରତ୍ୟାଖ୍ୟାନର କାରଣମାନ ସଂବନ୍ଧରେ ସୂଚୀତ କରାଯାଉନାହିଁ, ଅଥବା ପ୍ରତ୍ୟାଖ୍ୟାନ ବିରୁଦ୍ଧରେ ଅପିଲ୍ କରିବା ପାଇଁ ସୁଯୋଗ ଦିଆଯାଉନାହିଁ। ଯେଉଁସ୍ଥଳେ ଜମି ଅଧିକାରକୁ ସ୍ୱୀକୃତି ଦିଆଯାଇଛି, ସେପରି ସ୍ଥଳେ ଯେଉଁ ଆକାରର ଜମି ପାଇଁ ପଟ୍ଟା ଇସୁ କରାହୋଇଛି, ତାହା ପ୍ରକୃତପକ୍ଷେ ଲୋକମାନଙ୍କର ହକ୍ ତୁଳନାରେ ଏକ ନଗଣ୍ୟ ଅଂଶ ମାତ୍ର। ଜନଗୋଷ୍ଠୀର ଅଧିକାରସମୂହ, ଯଥା ଲଘୁ ଜଙ୍ଗଲଜାତ ସାମଗ୍ରୀ, ଚାରଣଭୂମି, ଜଳାଶୟ, ଆଦିମ ଜନଜାତି /ପ୍ରାକ୍-କୃଷି ଜନଗୋଷ୍ଠୀଙ୍କର ଆବାସ-ସ୍ଥଳ, ପଶୁପାଳକମାନଙ୍କ ଯାତାୟତ ଇତ୍ୟାଦି ଉପରେ ଅଧିକାରକୁ ଅତି ସ୍ୱଳ୍ପ ସଂଖ୍ୟାରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଯେଉଁଠି ଜଙ୍ଗଲ ବାସିନ୍ଦା ଜନଗୋଷ୍ଠୀମାନେ ସେମାନଙ୍କର ଜଙ୍ଗଲସମୂହକୁ ସୁରକ୍ଷା ଓ ପରିଚାଳନା କରିବାର ଅତୀବ ଗୁରୁତ୍ୱପୂର୍ଣ୍ଣ ଅଧିକାରକୁ ସ୍ୱୀକୃତି ବା ମାନ୍ୟତା ଦିଆଯାଇଛି, ତହିଁର ସଂଖ୍ୟା ବହୁତ କମ୍ (ଏବଂ କେତେକ କ୍ଷେତ୍ରରେ ଏହି ଅଧିକାର ଉପରେ ବେଆଇନ୍ ସର୍ତ୍ତାବଳୀ ଆରୋପ କରାଯାଇଛି )। ଏହା ଫଳରେ ବହୁ ସଂଖ୍ୟକ ଜଙ୍ଗଲ ବାସିନ୍ଦା ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ବେଦଖଲ ତଥା ନିର୍ଯ୍ୟାତନାର ସମ୍ମୁଖୀନ ହେଉଛନ୍ତି। ପୁଣି ଜଙ୍ଗଲ ବାସିନ୍ଦା ମାନଙ୍କର ଅଧିକାରସମୂହ ଅଥବା ବିଧିସମ୍ମତ କାର୍ଯ୍ୟପ୍ରକ୍ରିୟାକୁ ଖାତିର୍ ନକରି ସେମାନଙ୍କୁ ବହୁ ସଂଖ୍ୟାରେ ଜଙ୍ଗଲ ଜମିରୁ ବେଆଇନ୍ ଭାବେ ବିସ୍ଥାପିତ କରାଯାଇଛି।

୪.	ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ହେଉଛି ସଂଯୋଜକ ସଂସ୍ଥା (ନୋଡାଲ୍ ଏଜେନ୍ସି) । ତିନିବର୍ଷରୁ ଅଧିକ କାଳ ଭିତରେ ଏହି ଆଇନ୍‌ର କାର୍ଯ୍ୟକାରିତା ଉପରେ ମିଳିଥିବା ଅଭିଜ୍ଞତାକୁ ଆଧାର କରି ଆମେ ଉପରୋକ୍ତ ସମସ୍ୟାବଳୀ ପାଇଁ ଦାୟୀ କେତେକ ପ୍ରକ୍ରିୟାଗତ ତ୍ରୁଟିକୁ ଚିହ୍ନଟ କରିଛୁ । ଏହି ତ୍ରୁଟିଗୁଡିକର ସଂଶୋଧନ ପାଇଁ ଯେଉଁ କେତେକ ପଦକ୍ଷେପ ନିଆଯାଇପାରେ, ସେଥିପ୍ରତି ମୁଁ ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । 'ଅଧିକ ଉତ୍ତମ କାର୍ଯ୍ୟସଂପାଦନ ପାଇଁ ପଦକ୍ଷେପସମୂହ' ଶୀର୍ଷକ ଯେଉଁ ନୋଟ୍ ଏହା ସହିତ ସଂଲଗ୍ନ କରାଯାଇଛି, ସେଥିରେ ଏହାସବୁ ସୂଚୀତ ହୋଇଛି । ଏହି ବିନ୍ଦୁଗୁଡିକୁ ଆଇନ୍ ଅଧୀନରେ ନିୟମାବଳୀ ବା ନିର୍ଦ୍ଦେଶାବଳୀର ରୂପ ଦେବା ଦିଗରେ ମନ୍ତ୍ରଣାଳୟ ମଧ୍ୟ ଚେଷ୍ଟା ଚଳାଇଛି ।

୫.	ଏହି ଆଇନ୍‌କୁ କାର୍ଯ୍ୟକାରୀ କରୁଥିବା ବେଳେ ରାଜ୍ୟ ସରକାର ଏହି ବିନ୍ଦୁଗୁଡିକୁ ଦୃଷ୍ଟିରେ ରଖିବେ ବୋଲି ମୁଁ ଆଶା କରୁଛି । ଜଙ୍ଗଲ ବାସିନ୍ଦାମାନଙ୍କର ସମସ୍ତ ଅଧିକାରକୁ ପାଳନ କରାଯିବ ଏବଂ ଏହି ଆଇନ୍ ନିର୍ଦ୍ଦେଶିତ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ମାନ୍ୟତା ଦିଆଯିବ ବୋଲି କାର୍ଯ୍ୟନିର୍ବାହକ କର୍ତ୍ତୃପକ୍ଷମାନଙ୍କୁ ଯଦି ଏକ ସୁସ୍ପଷ୍ଟ ସଙ୍କେତ ଦିଆଯାଇପାରେ, ତେବେ ଏହି ଦେଶର ଜଙ୍ଗଲ ବାସିନ୍ଦାମାନଙ୍କୁ ପରିଶେଷରେ ଭରସା ମିଳିପାରିବ ଏବଂ ସେମାନେ ପ୍ରକୃତ ପକ୍ଷେ ସେମାନଙ୍କର ଅଧିକାରସମୂହ ହାସଲ କରିବା ପାଇଁ ନିଜର ହକ୍ ଜଣାଇପାରିବେ ।

ସମ୍ମାନ ଗ୍ରହଣ କରିବେ,

ଆନ୍ତରିକତା ସହ ଆପଣଙ୍କର,

ଭି. କିଶୋର ଚନ୍ଦ୍ର ଦେଓ

*ପ୍ରାପ୍ତେଷୁ,*

*ମୁଖ୍ୟମନ୍ତ୍ରୀ, ଆନ୍ଧ୍ରପ୍ରଦେଶ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ, ମିଜୋରାମ, ମଣିପୁର, ଆସାମ, ମେଘାଳୟ, ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡିଶା, ଉତ୍ତରାଖଣ୍ଡ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, କେରଳ, କର୍ଣ୍ଣାଟକ ଓ ତାମିଲନାଡୁ*

## ସଂଲଗ୍ନ ନଥି: ପ୍ରସଙ୍ଗସମୂହ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ

- ଏହି ଆଇନ୍ ବିଷୟରେ ସର୍ବସାଧାରଣଙ୍କ ଭିତରେ ଏବେ ବି ସଚେତନତାର ଅଭାବ ରହିଛି । ବିଶେଷ କରି ଯେଉଁମାନେ ଅଣ-ଆଦିବାସୀ 'ଅନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା' ସେମାନଙ୍କ ଭିତରୁ ବହୁ ଲୋକ ଯେପରି ନିଜର ଦାବୀ ଦାଖଲ କରିପାରିବେ ନାହିଁ, ସେଥିପାଇଁ ସେମାନଙ୍କୁ ବାଧା ଦିଆଯାଉଛି । ତେଣୁ, ଗ୍ରାମଗୁଡିକ ସମେତ ସବୁ ସ୍ତରରେ ପୁଣି ମୂଳରୁ ଆଉ ଥରେ ସଚେତନତା ପ୍ରସାର ଅଭିଯାନ ଆରମ୍ଭ କରିବାକୁ ପଡିବ; ସମସ୍ତ ଜଙ୍ଗଲ ଇଲାକା ଏବଂ ଜଙ୍ଗଲ-ନିର୍ଭର ଜନଗୋଷ୍ଠୀସମୂହଙ୍କୁ ସାମିଲ୍ କରିବାକୁ ପଡିବ; ଏବଂ ଯେଉଁ ଦାବୀଦାର୍ ମାନେ ନିଜର ଯୋଗ୍ୟତା ସପକ୍ଷରେ ଯଥା-ଗ୍ରାହ୍ୟ ପ୍ରମାଣ ଦାଖଲ କରିପାରିବେ ଅଥବା ନିଜର ଜନଗୋଷ୍ଠୀଙ୍କ ଠାରୁ ପ୍ରମାଣ ଆଣିଥିବେ, ସେମାନଙ୍କୁ ଅନ୍ୟ କୌଣସି ଅତିରିକ୍ତ ପ୍ରମାଣ ଦାଖଲ ପାଇଁ ତଲବ୍ କରାଯିବ ନାହିଁ ।
- ଗ୍ରାମସଭାରେ ଥିବା ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଏହି ଆଇନ୍ ଜୋର୍ ଦେଇଥାଏ । ଏହି ଉଦ୍ଦେଶ୍ୟକୁ ଆଖିରେ ରଖି ଆଇନ୍ ପ୍ରକୃତ ଜନବସତି / ହାମ୍‌ଲେଟ୍ ସ୍ତରରେ ଗ୍ରାମସଭା ଡକାଯିବାର ଏକ ନମନୀୟ ବ୍ୟବସ୍ଥାକୁ ସୁପାରିଶ୍ କରିଛି (ଯାହାକି ଯେମିତି ହେଲେ ୫ମ ଅନୁସୂଚୀ ଅଞ୍ଚଳରେ ଆବଶ୍ୟକ ପଡିଥାଏ) । କିନ୍ତୁ, ଏହି ଆଇନ୍ ଅଧୀନରେ ପ୍ରାୟ ସମସ୍ତ ଗ୍ରାମସଭା ପଞ୍ଚାୟତର ବୃହତ୍ତର ସ୍ତରରେ ଡକାହୋଇଛି । ଏଭଳି ଏକ ଗ୍ରାମସଭାରେ ଅନେକ ଗୁଡିଏ ଗ୍ରାମ ଅନ୍ତର୍ଭୁକ୍ତ ହୋଇଥାଇପାରେ ଏବଂ ଏହି

ଗ୍ରାମସଭାର ଆକାର ମଧ୍ୟ ଖୁବ୍ ବିଶାଳ ହୋଇପାରେ; ଏଭଳି ଗ୍ରାମସଭା ଦ୍ୱାରା ଗ୍ରାମର ଜନଗୋଷ୍ଠୀ ଅଧିକାରସମୂହ ପାଇଁ ଦାବୀ ପେଶ୍ କରାଯାଇପାରିବନି କିମ୍ବା ସେମାନେ ଏସବୁକୁ ପ୍ରୟୋଗ କରିପାରିବେନି ଏବଂ ଗ୍ରାମସଭାର କୋରମ୍ ଆବଶ୍ୟକତାକୁ ମଧ୍ୟ ପୂରଣ କରିବା ଜଟିଳ ହେବ । ସୁତରାଂ, ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ କହିପାରିବେ, ଏହାର ପରିସୀମା ଭିତରେ ଅବସ୍ଥିତ ଥିବା ପ୍ରକୃତ ଗ୍ରାମଗୁଡିକର ଏକ ତାଲିକା ପ୍ରସ୍ତୁତ କରାଯାଉ ତଥା ଏକ ପ୍ରସ୍ତାବ ଗ୍ରହଣ (ରିସୋଲ୍ୟୁସନ୍) ଜରିଆରେ ପ୍ରତି ଗ୍ରାମ ନିଜକୁ ଗୋଟିଏ ଗୋଟିଏ ଗ୍ରାମସଭାରେ ପରିଣତ କରନ୍ତୁ । ଏହି ନୂତନ ଗ୍ରାମସଭାଗୁଡିକ କାର୍ଯ୍ୟାନ୍ୱୟନର ୟୁନିଟ୍ ଭାବେ କାର୍ଯ୍ୟ କରିବେ, ଏବଂ ଏହି ୟୁନିଟ୍‌ଗୁଡିକ ନୂତନ ଭାବେ, ବିଶେଷ କରି ଜନଗୋଷ୍ଠୀ ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି ପାଇଁ କାର୍ଯ୍ୟ ଆରମ୍ଭ କରିବେ । ଯେଉଁ ଅଧିକାରମାନ ଆଗରୁ ରେକର୍ଡଭୁକ୍ତ ହୋଇଛି, ସେସବୁକୁ ଅଦଳବଦଳ କରିବା ଆବଶ୍ୟକ ନାହିଁ ।

- ଭୁଲ୍ କାରଣମାନ ଦର୍ଶାଯାଇ ଦାବୀଗୁଡିକୁ ଖାରଜ କରାଯାଇଛି, ଏବଂ ବହୁ ସ୍ଥଳରେ ତାହା ଏକମାତ୍ର ସରକାରୀ ରେକର୍ଡସମୂହ (ଯଥା ଜଙ୍ଗଲ ବିଭାଗ ନିକଟରେ ଥିବା 'ଜବରଦଖଲକାରୀ ତାଲିକା')କୁ ଆଧାର କରି; ଯଦିଓ ଏହି ଆଇନ୍‌ର ଉଦ୍ଦେଶ୍ୟ ହେଉଛି, ସେହିସବୁ ରେକର୍ଡଗୁଡିକରେ ଥିବା ଭୁଲ୍‌କୁ ସୁଧାରିବା । ଆଇନ୍ ଅଧୀନରେ ପ୍ରସ୍ତୁତ ନିୟମାବଳୀରେ ଯେତେ ପ୍ରକାର ପ୍ରମାଣର ତାଲିକା ସୂଚୀତ ହୋଇଛି, ସବୁଗୁଡିକ ଗ୍ରହଣଯୋଗ୍ୟ ଅଟେ । ଯଦି ଏକ ଦାବୀପତ୍ର ସହିତ ଗ୍ରହଣ ଯୋଗ୍ୟ ପ୍ରମାଣ ସଂଲଗ୍ନ ହୋଇଥାଏ, ତେବେ କେବଳ ସରକାରୀ ରେକର୍ଡ ଭିତ୍ତିରେ ତାହାକୁ ଖାରଜ କରାଯାଇପାରିବ ନାହିଁ ।
- ଆଇନ୍ ଅଧୀନରେ ଗଠିତ ଉଚ୍ଚ ସ୍ତରୀୟ କମିଟିଗୁଡିକ (ସବ୍‌ଡିଭିଜନ୍ ଓ ଜିଲ୍ଲା ସ୍ତରୀୟ କମିଟିମାନ) ବହୁସମୟରେ ଦାବୀଦାର୍‌ମାନଙ୍କୁ ଶୁଣାଣି ନକରି ବା ଏପରିକି ସୂଚନା ନଦେଇ ସେମାନଙ୍କର ଦାବୀଗୁଡିକୁ ଅଦଳବଦଳ ଏବଂ ଖାରଜ କରୁଛନ୍ତି । ଏହି ପରିସ୍ଥିତିକୁ ଏଡାଇବାକୁ ହେଲେ, ମନେ ରଖିବାକୁ ପଡିବ, ଯେଉଁ ସ୍ଥଳେ ଗ୍ରାମସଭାରେ ଅନୁମୋଦିତ ହୋଇଥିବା ଏକ ଦାବୀ ବିରୋଧରେ ଆପତ୍ତି ଉଠିଥିବ ଏବଂ ସେହି ଆପତ୍ତି ସପକ୍ଷରେ ଏକ ଗ୍ରହଣୀୟ ପ୍ରମାଣ ଦାଖଲ ହୋଇଥିବ, ସେପରି ସ୍ଥଳେ ଆପତ୍ତିକାରୀଙ୍କୁ ଅପିଲ୍ କରିବାର ସୁଯୋଗ ଦିଆଯାଇଥାଏ । ସଂପୃକ୍ତ ଦାବୀ ଉପରେ ଫଇସଲା ଗ୍ରହଣ ପୂର୍ବରୁ ଅପିଲ୍‌କାରୀ ଓ ଦାବୀଦାର୍‌ଙ୍କୁ ନିଶ୍ଚିତ ରୂପେ ଶୁଣାଣି କରାଯିବ । ଯେଉଁ ଦାବୀପତ୍ରଗୁଡିକ ଅସଂପୂର୍ଣ୍ଣ ହୋଇଥିବ, ସେଗୁଡିକୁ ରୋକଠୋକ୍ ଖାରଜ ପରିବର୍ତ୍ତେ ପୁନର୍ବିଚାର ପାଇଁ ତଳକୁ ପଠାଇ ଦିଆଯିବ ।
- ଜଙ୍ଗଲ ଅଧିକାର ଆଇନ୍ ପାଇଁ ଅନୁଷ୍ଠିତ ଗ୍ରାମସଭା ବୈଠକଗୁଡିକ, ବିଶେଷ କରି ଯେଉଁଠି ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବା ଭଳି ସଙ୍ଗୀନ ନିଷ୍ପତ୍ତିମାନ ନିଆଯାଇଥାଏ, ସେଗୁଡିକୁ ଭିଡିଓ-ରେକର୍ଡିଂ କରାଯିବା ଉଚିତ୍ ଏବଂ ତହିଁର ଭିଡିଓ-ରେକର୍ଡ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବା ଉଚିତ୍ । ଏହା ଫଳରେ ସ୍ୱଚ୍ଛତା-ରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ ତଥା ହେରାଫେରି ଏବଂ କଳିତକରାଳକୁ ହ୍ରାସ କରାଯାଇପାରିବ ।
- ବହୁ ଇଲାକାରେ ଏବେବି ଆଦିବାସୀ ଏବଂ ଜଙ୍ଗଲ ବାସିନ୍ଦା ମାନେ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଏବଂ ଜବରଦସ୍ତ ଉଚ୍ଛେଦ, ତଥା ବଳପୂର୍ବକ ସ୍ଥାନାନ୍ତର ଏବଂ ବିସ୍ଥାପନର ସମ୍ମୁଖୀନ ହେଉଛନ୍ତି, ଯାହାକି ଜଙ୍ଗଲ ଅଧିକାର ଆଇନ୍‌ର ଉଲ୍ଲଂଘନ ଅଟେ । ଜଙ୍ଗଲ ବାସିନ୍ଦାମାନଙ୍କର ଅଧିକାରସମୂହକୁ ରେକର୍ଡଭୁକ୍ତ କରାଯିବା ପୂର୍ବରୁ ଅବା ସେହି ଅଧିକାରସମୂହର ଉଲ୍ଲଂଘନ କରି ଯେଉଁ ସରକାରୀ କର୍ମଚାରୀମାନେ ଜଙ୍ଗଲ ବାସିନ୍ଦାମାନଙ୍କୁ ନିର୍ଯ୍ୟାତନା ଦେଉଛନ୍ତି ଅଥବା ସେମାନଙ୍କୁ ବେଆଇନ୍ ଭାବେ ଉଚ୍ଛେଦ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ । ଏହି ଆଇନ୍‌ର ବ୍ୟବସ୍ଥାବଳୀ ତଥା ପ୍ରାସଙ୍ଗିକ ଅର୍ଡର୍‌ସମୂହ (ବିଶେଷ କରି, ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ବିନିଯୋଗ ସଂକ୍ରାନ୍ତରେ ପରିବେଶ ମନ୍ତ୍ରଣାଳୟର ୩୦ ଜୁଲାଇ ୨୦୦୯ ଅର୍ଡର୍)କୁ କଠୋର ଭାବେ ପାଳନ କରିବା ଉଚିତ୍ । ଆଇନ୍‌ର ଧାରା ୪(୨)କୁ କଠୋର ଭାବେ ପାଳନ କରାଯାଇ ବ୍ୟାଘ୍ର ରିଜର୍ଭ ଏବଂ ସୁରକ୍ଷିତ ଅଞ୍ଚଳଗୁଡିକରୁ ସ୍ଥାନାନ୍ତର (ରେଲୋକେସନ୍) କାର୍ଯ୍ୟ ସଂପାଦିତ କରାଯିବା ଜରୁରୀ; ବର୍ତ୍ତମାନ ଆଇନ୍‌ର ଉଲ୍ଲଂଘନ କରାଯାଇ ବ୍ୟାଘ୍ର ଓ ବନ୍ୟପ୍ରାଣୀ ଆବାସସ୍ଥଳୀର ପରିସୀମା ନିର୍ଣ୍ଣୟ କରାଯାଉଛି ଏବଂ ସମସ୍ତ ପ୍ରୟୋଜନକୁ ସଂପୂର୍ଣ୍ଣଭାବେ ପୂରଣ କରାନଯାଇ ଲୋକମାନଙ୍କୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦିଆଯାଉଛି ।

- ଅନେକ ଅଞ୍ଚଳରେ ଲଘୁ ଜଙ୍ଗଲଜାତ ସାମଗ୍ରୀର ମାଲିକାନା, ଉପଯୋଗ ଏବଂ କାରବାର କରିବାର ଅଧିକାରସମୂହକୁ ସ୍ୱୀକୃତି ଦିଆଯାଇନି ଅଥବା ସେଗୁଡିକ ଉପରେ ଭୁଲ୍ କଟକଣାମାନ ଲାଗୁ କରାଯାଇଛି । ଏକଥା ସ୍ପଷ୍ଟ ହୋଇଯିବା ଉଚିତ୍ ଯେ, ସମସ୍ତ ଜଙ୍ଗଲ ଏବଂ ସୁରକ୍ଷିତ ଇଲାକାରେ ସମସ୍ତ ପ୍ରକାରର ଲଘୁ ଜଙ୍ଗଲଜାତ ସାମଗ୍ରୀ (ଯାହାର ସଂଜ୍ଞା ଆଇନ୍‌ରେ ଦିଆଯାଇଛି) ଉପରେ ଜଙ୍ଗଲ ବାସିନ୍ଦାମାନଙ୍କର ଅଧିକାର ରହିଛି ଏବଂ ଏହା ଭିତରେ ଅନ୍ତର୍ଭୁକ୍ତ ରହିଛି ମାଲିକାନା ଓ ବିକ୍ରୀବଟାର ଅଧିକାର ।
- ଜଙ୍ଗଲସମୂହର ଆଇନ୍‌ଗତ ସୁରକ୍ଷା ଓ ପରିଚାଳନାର କ୍ଷମତା ଜନଗୋଷ୍ଠୀମାନଙ୍କୁ ଅର୍ପଣ କରିବା ଦ୍ୱାରା ଏହି ଆଇନ୍ ଏକ ମୌଳିକ ଭାବେ ପ୍ରଗତିଶୀଳ ପଦକ୍ଷେପ ଗ୍ରହଣ କରିଛି । କିନ୍ତୁ, ହୁଏତ୍ ଏହା ବହୁଳାଂଶରେ କାର୍ଯ୍ୟକାରୀ ହୋଇନାହିଁ, ନତୁବା ଏହାର କୁପରିଚାଳନା କରାଯାଇଛି ; ବିଭିନ୍ନ ସର୍ତ୍ତାବଳୀ ଲଦି ଦିଆଯାଇଛି ଅଥବା ଅନ୍ୟ ସଂସ୍ଥାଗୁଡିକ (ଯଥା ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିସମୂହ) ହାତରେ କ୍ଷମତାବଳୀ ନ୍ୟସ୍ତ କରାଯାଇଛି । ଜଙ୍ଗଲ ସୁରକ୍ଷା ବିଷୟରେ ଜନଗୋଷ୍ଠୀମାନଙ୍କର ନିଷ୍ପତ୍ତିଗୁଡିକୁ ମାନ୍ୟତା ଦେବା (ଯାହାକି ଆଇନ୍‌ର ଧାରା-୫ରେ ସ୍ଥିରୀକୃତ ହୋଇଛି) ତଥା ପାରମ୍ପରିକ ପରିସୀମା ଭିତରେ ଜଙ୍ଗଲ ସଂପଦସମୂହର ପରିଚାଳନା ପାଇଁ ଜନଗୋଷ୍ଠୀର ଅଧିକାରସମୂହକୁ ଆଗଭର ହୋଇ ସ୍ୱୀକୃତି ପ୍ରଦାନକୁ ସୁନିଶ୍ଚିତ କରିବା ସକାଶେ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବା ଉଚିତ୍ । ଏହିସବୁ ବ୍ୟବସ୍ଥାର ଅନୁପାଳନ ପାଇଁ ଜଙ୍ଗଲ ଅଧିକାରୀମାନଙ୍କୁ ବାଧ୍ୟ କରାଯିବା ଉଚିତ୍ ।
- ଜଙ୍ଗଲ ଗ୍ରାମଗୁଡିକୁ ରଜସ୍ୱ ଗ୍ରାମରେ ସଂପରିବର୍ତ୍ତନ କରିବା ଆଇନ୍ ଅନୁଯାୟୀ ଜରୁରୀ ଅଟେ, କିନ୍ତୁ ତାହା କ୍ୱଚିତ୍ କାର୍ଯ୍ୟକାରୀ ହେଉଛି । ଏହିସବୁ ଗ୍ରାମଗୁଡିକରେ ବ୍ୟକ୍ତିଗତ ଅଧିକାରସମୂହକୁ ସ୍ୱୀକୃତି ଦେବା ପୂର୍ବରୁ ଉକ୍ତ ପଦକ୍ଷେପ କାର୍ଯ୍ୟକାରୀ ହେବା ଉଚିତ୍ ଏବଂ ଏଥିରେ ସର୍ବସାଧାରଣ ଇଲାକା ଏବଂ ମୌଳିକ ସୁବିଧାମାନ ଅବସ୍ଥିତ ଥିବା ଇଲାକାମାନ ଅନ୍ତର୍ଭୁକ୍ତ ରହିବା ଉଚିତ୍ ।
- ବସତି ସ୍ଥାପନ କରିଥିବା ତଥା ଭ୍ରାମ୍ୟମାଣ ଜନଗୋଷ୍ଠୀମାନଙ୍କ ଦ୍ୱାରା ଚାରଣଭୂମିରେ କାରବାର ଏବଂ ଯାତାୟତ, ଜଳାଶୟଗୁଡିକର ଉପଯୋଗ, ଆଦିମ ଜନଜାତି ଗୋଷ୍ଠୀମାନଙ୍କର ଆବାସ-ସ୍ଥଳୀ ଇତ୍ୟାଦି ଅନ୍ୟାନ୍ୟ ବିଷୟରେ ଜନଗୋଷ୍ଠୀ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ ମଧ୍ୟ ବ୍ୟାପକ ଭାବେ ଉପେକ୍ଷିତ ହୋଇଛି । ବର୍ତ୍ତମାନ ଏହିସବୁ ଅଧିକାରକୁ ଆଗଭର ସହକାରେ ସ୍ୱୀକୃତି ଦିଆଯିବା ଉଚିତ୍ ଏବଂ ଏପ୍ରକାର ସ୍ୱୀକୃତି ପ୍ରଦାନ ଉପରେ ଲଦି ଦିଆଯାଇଥିବା ପ୍ରକ୍ରିୟାଗତ ବାଧାଗୁଡିକୁ ହଟାଇବା ପାଇଁ ପଦକ୍ଷେପମାନ ନିଆଯିବା ଉଚିତ୍ ।

*******************

*(Chitta Behera, 4A Jubilee Tower, Choudhury Bazar, Cuttack-9, Mob: 9437577546, Dt 12.7. 2012)*